ଓଡିଶା ରାଜ୍ୟ ଅର୍ଥ ନିଗମ
ଓ.ଏମ.ପି ଛକ, କଟକ - ୭୫୩୦୦୩,

# ବିକ୍ରୟ ବିଜ୍ଞାପନ

ବିଜ୍ଞାପନ ନଂ·**DDAC**/୦୨ /୧୪-୧୫ ତା ୨୯/୦୯/୨୦୧୪

ଓଡିଶା ରାଜ୍ୟ ଅର୍ଥ ନିଗମ ନିର୍ଦ୍ଧାରିତ ଜଉମୁଦ ଦିଆ ଟେଣ୍ଡର ଫର୍ମ ମାଧ୍ୟମରେ ତା ୧୪/୧୦/୨୦୧୪ ସମୟ ଦିବା ୧୧ ଘଟିକାରେ ଓଡିଶା ରାଜ୍ୟ ଅର୍ଥ ନିଗମ ଭୁବନେଶ୍ୱର ଶାଖା କାର୍ଯ୍ୟାଳୟ, ଇନ୍ଦ୍ରଧନୁ ମାର୍କେଟ୍, ଆଇ·ଆର୍·ସି ଭିଲେଜ୍ ,ଭୁବନେଶ୍ୱର ଠାରେ ହେବାକୁ ଥିବା **Default-cum-Disposal Advisory Committee (DDAC)** ଦ୍ୱାରା ନିମ୍ନୋକ୍ତ ଜବତ ସଂପତ୍ତିକୁ "ଯେଉଁଠାରେ ଯେଉଁଭଳି ଅଛି ସେହି ଅବସ୍ଥାରେ" ବିକ୍ରୟ ପାଇଁ ଦରଖାସ୍ତ ଆହ୍ୱାନ କରୁଅଛି । ନିର୍ଦ୍ଧାରିତ ଟେଣ୍ଡର ଦରଖାସ୍ତ ଫର୍ମ, ବିକ୍ରୟର ନିୟମ ଓ ସର୍ତ୍ତାବଳୀ, ସ୍ଥାବର/ଅସ୍ଥାବର ସଂପତ୍ତିର ବିଶଦ ବିବରଣୀ ଟେଣ୍ଡର ପକାଇବାର ପ୍ରଣାଳୀ ଇତ୍ୟାଦି ଗୁଡିକ ଆମ୍ଭର ୱେବ୍ ସାଇଟ୍ **www.osfcindia.com** ରୁ ସଂଗ୍ରହ କରି ହେବ । ଟେଣ୍ଡର ଫର୍ମ କୁ ସଠିକ୍ ଭାବେ ପୂରଣ କରି ତା ୧୩/୧୦/୨୦୧୪ ସମୟ ୫ ଘଟିକା ମଧ୍ୟରେ ଆମ୍ଭ କଟକ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ ପକାଇବାକୁ ହେବ କିମ୍ବା Registered Post/ Speed Post ମାଧ୍ୟମରେ ତଳଲିଖିତ ଠିକଣାରେ ପଠାଇ ପାରିବେ । କୌଣସି ଟେଣ୍ଡର ଆବେଦନ ପତ୍ର ଯଦି ବିଳମ୍ବରେ ଏବଂ ନିର୍ଦ୍ଧାରିତ ଅମାନତ ଜମା ବିନା ଏବଂ ଠିକ୍ ଭାବରେ ପୂରଣ କରାଯାଇ ନ ଥିବ ତେବେ ତାହା ନାକଚ ହୋଇଯିବ ।

ନିଲାମଧାରୀ ସେମାନଙ୍କର ପରିଚୟ ପତ୍ରର ପ୍ରମାଣ ସହ ନିଜେ କିମ୍ବା ତାଙ୍କର ସ୍ୱିକୃତ ପ୍ରତିନିଧି ମାଧ୍ୟମରେ **DDAC** ରେ ଉପସ୍ଥିତ ହେବେ ଏବଂ ଯେଉଁ ମାନଙ୍କର ନିଲାମ ଡାକ ସର୍ବାଧିକ ହେବ ସେମାନେ ଘୋଷିତ ହୋଇଥିବା ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ବା ରାଜି ହୋଇଥିବା ନିଲାମ ମୂଲ୍ୟର ୨୫ ପ୍ରତିଶତ ଅମାନତ ଭାବେ ପୂର୍ବରୁ ଦେଇଥିବା ଅମାନତ ଜମାକୁ ବାଦ୍ ଦେଇ ସେହିଠାରେ ବ୍ୟାଙ୍କ ଡ୍ରାଫ୍ଟ/ପେ ଅର୍ଡର/ବ୍ୟାଙ୍କର ଚେକ୍/ନଗଦ ଟଙ୍କା ଜମା ଭାବେ ଦେବାକୁ ହେବ । ଯଦି ନିଲାମଧାରୀ ଏହି ସର୍ତ୍ତକୁ ପାଳନ ନ କରନ୍ତି ତେବେ ତାଙ୍କର ଅମାନତ ଜମା ବ୍ୟାଜ୍ୟାପ୍ତି ହୋଇଯିବ । ବିକ୍ରୟ ସମ୍ପତ୍ତିର ବଳକା ଦେୟ ପତ୍ର ମାଧ୍ୟମରେ କ୍ରେତାଙ୍କୁ ଅବଗତ କରାଯିବ ଏବଂ ସେମାନେ ବିକ୍ରୟ ପତ୍ର ପ୍ରେରଣର ୩୦ ଦିନ ମଧ୍ୟରେ ଉକ୍ତ ଟଙ୍କା ଜମା ଦେବାକୁ ହେବ । ଯଦି କ୍ରେତା ନିର୍ଦ୍ଧାରିତ ସମୟ ମଧ୍ୟରେ ଉକ୍ତ ଦେୟ ଦେଇ ନ ପାରନ୍ତି ତେବେ ସେ ଦେଇଥିବା ଜମାକୁ ମଧ୍ୟ ନିଗମ ବ୍ୟାଜ୍ୟାପ୍ତି କରିପାରିବ ।

ଉକ୍ତ ସମ୍ପତ୍ତିର କୌଣସି ଅଂଶ କିମ୍ବା ସମସ୍ତ କ୍ରୟ ପ୍ରସ୍ତାବକୁ ଗ୍ରହଣ କିମ୍ବା ନାକଚ କରିବା ନିଷ୍ପତ୍ତି ନିଗମର ଇଚ୍ଛାଧୀନ ଅଟେ ଏବଂ କୌଣସି କାରଣ ନ ଦର୍ଶାଇ ମଧ୍ୟ ନିଗମ ଉକ୍ତ ସମ୍ପତ୍ତିକୁ ଋଣଗ୍ରହିତାଙ୍କୁ ଫେରସ୍ତ କରିପାରିବ ।

ବିକ୍ରୟ ସମ୍ପତ୍ତିର ବିବରଣୀ

| କ୍ରମାଙ୍କ | ଶିଳ୍ପର / ଋଣ ଗ୍ରହିତାଙ୍କ ନାମ /ସଂରକ୍ଷିତ ମୂଲ୍ୟ | ଅମାନତ ଜମା |
|---|---|---|
| ୦୧ | ଶ୍ରୀ ନେତ୍ରାନନ୍ଦ ପାତ୍ରଙ୍କ **Tata Truck No. OR-05-C-5594, 1995** Model ( **Kept at Central Garrage, Cuttack)** ସଂ·ମୂ - ଟ· ୨·୧୦ ଲକ୍ଷ (ପାରାଦୀପ ଶାଖା) | ଟ· ୧୦,୫୦୦/- |
| ୦୨ | ଶ୍ରୀ ଶାନ୍ତନୁ କୁମାର ମହାନ୍ତିଙ୍କ **A L Bus No. OR-05F-1115 ( kept at Central Garrage, Cuttack)** ସଂ·ମୂ - ଟ· ୨·୦୦ ଲକ୍ଷ (ପାରାଦୀପ ଶାଖା) | ଟ· ୧୦,୦୦୦/- |
| ୦୩ | ମେସର୍ସ ଶ୍ରୀଧର ଆଲୁମିନିୟମ୍ (ପ୍ରା) ଲିଃ, ଶିଳ୍ପାଞ୍ଚଳ, ରାଧାଦାମୋଦରପୁର (ଆଠଗଡ), କଟକ (କ) ସଂ·ମୂ - ଟ· ୧·୭୫ ଲକ୍ଷ (କଟକ ଶାଖା) | ଟ· ୮,୮୦୦/- |
| ୦୪ | ମେସର୍ସ ରାଧାମାଧବ ଅଏଲ୍ ମିଲ୍, ଅରିସଲ, ନୋଦା, ଗୋବିନ୍ଦପୁର, କଟକ (ଜ·ଗ୍ର) ସଂ·ମୂ - ଟ· ୧·୩୦ ଲକ୍ଷ(କଟକ ଶାଖା) | ଟ· ୬,୫୦୦/- |
| ୦୫ | ମେସର୍ସ ହିନ୍ଦୁସ୍ତାନ ସ୍ପନ୍ ପାଇପ, ମୁରୁଣା, ସିମୁଳିଆ, ବାଲେଶ୍ୱର, (ଜ·ଗ୍ର) ସଂ·ମୂ - ଟ· ୮୫·୦୭ ଲକ୍ଷ (ବାଲେଶ୍ୱର ଶାଖା) | ଟ· ୪,୨୫,୪୦୦/- |
| ୦୬ | ଶ୍ରୀ ଶ୍ରୀଧର ବାରିକ ଙ୍କ ସ୍ଥାବର ସଂପତ୍ତି (ମୌ- ରଘୁନାଥପୁର, ବାରିପଦା, ମୟୁରଭଞ୍ଜ (ଜମି - **Ac.** ୦·୧୫ **dec**), ସଂ·ମୂ -ଟ·୨୨·୫୦ ଲକ୍ଷ (ବାଲେଶ୍ୱର ଶାଖା) | ଟ· ୧,୧୨,୫୦୦/- |
| ୦୭ | ଶେଖ୍ ସବିର୍ ଅଲ୍ଲିଙ୍କ ଟାଟା ଟ୍ରକ୍ **(OR-09C-8508, Kept at OSFC Garage, O T Road, Balasore)** ସଂ·ମୂ - ଟ·୩·୦୦ ଲକ୍ଷ (ବାଲେଶ୍ୱର ଶାଖା) | ଟ· ୧୫,୦୦୦/- |
| ୦୮ | ମେସର୍ସ କୁଳମଣୀ ପାୱାରଲୁମ୍ ୟୁନିଟ୍, ରାଜପାଟଣା, ମାନ୍ଧାତାପୁର, ନୟାଗଡ (ଜ·ଗ୍ର) ସଂ·ମୂ - ଟ· ୧·୭୦ ଲକ୍ଷ (ଭୁବନେଶ୍ୱର ଶାଖା) | ଟ· ୮,୫୦୦/- |
| ୦୯ | ମେସର୍ସ ପ୍ରଧାନ ଟେକ୍ସଟାଇଲ୍ସ, ରାଜପାଟଣା, ମାନ୍ଧାତାପୁର, ନୟାଗଡ (ଜ·ଗ୍ର) ସଂ·ମୂ - ଟ· ୧·୯୦ ଲକ୍ଷ (ଭୁବନେଶ୍ୱର ଶାଖା) | ଟ· ୯,୫୦୦/- |

ଋଣ ଗ୍ରହିତା/ଜାମିନ ଦାତା/ବନ୍ଧକ ଦାତାଙ୍କୁ ଏତଦ୍ୱାରା ବିଜ୍ଞାପନ ଜାରି ମାଧ୍ୟମରେ ଅନୁରୋଧ କରାଯାଉଅଛି ଯେ ସେ ନିଜେ କିମ୍ବା ତାଙ୍କର ସ୍ୱିକୃତପ୍ରାପ୍ତ ପ୍ରତିନିଧି ଜରିଆରେ ନିଗମର DDAC ସମ୍ମୁଖରେ ନିର୍ଦ୍ଧାରିତ ସମୟ, ତାରିଖ ଓ ସ୍ଥାନ ରେ ହାଜର ହୋଇ ଋଣ ପରିଶୋଧ କରି ସେମାନଙ୍କର ଜବତ ସମ୍ପତ୍ତିକୁ ମୁକୁଳାଇବା ପାଇଁ ପ୍ରସ୍ତାବ ଦେବେ । ସେ ମଧ୍ୟ ନିଜ ଇଚ୍ଛାନୁଯାୟୀ ଉପଯୁକ୍ତ ଗ୍ରାହକ ଯୋଗାଡ କରି ଓ ଉପର ବିହିତ ମାଧ୍ୟମରେ ଟେଣ୍ଡର ପ୍ରଦାନ କରି ନିଲାମରେ ଭାଗନେଇ ତାଙ୍କ ସମ୍ପତ୍ତିକୁ ଉପଯୁକ୍ତ ମୂଲ୍ୟରେ ବିକ୍ରି କରିବାରେ ସୁଯୋଗ ନେଇ ପାରିବେ । ଯଦି ସେମାନେ DDAC ସମ୍ମୁଖରେ ଉପସ୍ଥିତ ନ ହୁଅନ୍ତି କିମ୍ବା ନିଗମକୁ ସନ୍ତୁଷ୍ଟ କଲାଭଳି ପ୍ରସ୍ତାବ ନ ଦିଅନ୍ତି ତେବେ ଧରାଯିବଯେ ସେମାନଙ୍କର ସମ୍ପତ୍ତି ମୁକୁଳାଇବାର ଉଦ୍ଦେଶ୍ୟ ନାହିଁ । ନିଗମ ଋଣ ଗ୍ରହିତା/ଜାମିନ ଦାତା/ବନ୍ଧକ ଦାତାଙ୍କୁ ବ୍ୟକ୍ତିଗତ ନୋଟିସ୍ ଦେବାକୁ ବାଧ୍ୟ ନୁହେଁ ଏବଂ ଏହି ବିଜ୍ଞାପନ ସେମାନଙ୍କର ଅବଗତ ନିମନ୍ତେ ଯଥେଷ୍ଟ ।

ବିକ୍ରୟ, ବିଜ୍ଞାପନ ଏବଂ ୱେବ୍ ସାଇଟ୍ ରେ ପ୍ରକାଶିତ ହୋଇଥିବା ତଥ୍ୟ ଜନିତ ତୃଟି ମାର୍ଜ୍ଜନୀୟ ।

ବି:ଦ୍ର –

ଜ·ଗୃ·କ – ଜମି, ଗୃହ ଓ କଳକବ୍ଜା

ସଂ ମୂ – ସଂରକ୍ଷିତ ମୂଲ୍ୟ

ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶମତେ

ଉପସାଧାରଣ ପରିଚାଳକ (ଋଣ ଆଦାୟ ବିଭାଗ)

ଓଡିଶା ରାଜ୍ୟ ଅର୍ଥ ନିଗମ, ଓ.ଏମ.ପି ଛକ, କଟକ – ୩